## ବାଣ ବ୍ୟବସାୟୀଙ୍କୁ ୭ ଲକ୍ଷ ଜରିମାନା

ଠାକୁରମୁଣ୍ଡା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କରଞ୍ଜିଆ-ସାହାରପଡ଼ା ରାସ୍ତା ପାର୍ଶ୍ୱରୁ ଗତ ୧୭ ତାରିଖ ସନ୍ଧ୍ୟାରେ ଜିଏସ୍‌ଟିର ଡେପୁଟି କମିଶନର କୁଳମଣି ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ବେଆଇନ ଭାବେ ଗଚ୍ଛିତ ଥିବା ବିପୁଳ ପରିମାଣର ବାଣ ଜବତ କରିଥିଲେ। ଜବତ ବାଣର ମୂଲ୍ୟ ୧୭ଲକ୍ଷ ୩ହଜାର ୨୧ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ ବିଭାଗ ପକ୍ଷରୁ ବୁଧବାର ୭,୬୯,୪୪୯ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି। ଏନେଇ କରଞ୍ଜିଆ ଥାନାରେ ଏକ ମାମଲା(ନଂ.୨୮୫/୨୨) ରୁଜୁ ହୋଇଛି। ଘଟଣାରେ ବାଣ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଗୁରୁତର

ତେଲକୋଇ,୨୦।୧୦(ଡି.ଏନ୍.ଏ): ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ ବିଧାନ। ଶିକ୍ଷୟିତ୍ରୀଙ୍କ ମାଡ଼ରେ ୪ର୍ଥ ଶ୍ରେଣୀର ଛାତ୍ରୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ୍ ରାଇସୁଆଁ ପଞ୍ଚାୟତ ସମାକୋଦ ଗାଁ ପ୍ରାଥମିକ ବିଦ୍ୟାଳୟରେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭସ୍ମିତା ରାଉତ ବୁଧବାର ଶ୍ରେଣୀରେ ନୂଆ ବିଷୟ ପଢ଼ାଉଥିଲେ। ଗ୍ରାମର ରଞ୍ଜନ ବେହେରାଙ୍କ ୯ ବର୍ଷର ଝିଅ ରାଧାରାଣୀ ବେହେରା ପାଠ ବୁଝି ନ ପାରି ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ଶିକ୍ଷୟିତ୍ରୀ ନିର୍ଘୃମ୍ ପିଟିଥିଲେ। ଏଥିରେ ଛାତ୍ରୀ ଜଣଙ୍କ ହାତରୁ ରକ୍ତ ବାହାରିଥିଲା। ସେ ଘରକୁ କାନ୍ଦି କାନ୍ଦି ଆସି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ବୁଧବାର ସନ୍ଧ୍ୟା ହୋଇଯିବା ଫଳରେ ଛାତ୍ରୀଙ୍କ ବାପା ମେଡିକାଲ ନେଇ ପାରି ନ ଥିଲେ। ଗୁରୁବାର ସକାଳୁ ମେଡିକାଲ ନେବା ସହ କାଳିଆହତା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୪୧/୨୨ ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି। କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଡିନେଟର(ସିଆର୍‌ସିସି) କମଳ ଲୋଚନ ନାୟକଙ୍କୁ ପଚାରିବାରେ ଘଟଣା ସତ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ୧୫ ଟନ୍ କୋଇଲା ଜବତ ଘଟଣା: ୫ ଗିରଫ

ବାସୁଦେବପୁର, ୨୦।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ମଙ୍ଗଳବାର ରାତିରେ ୧୫ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ବୋଝେଇ ଏକ ଟ୍ରକ୍ ଜବତ କରିଥିଲା। ଏହି ଘଟଣାରେ ପୋଲିସ ହାତରେ ଧରାପଡ଼ିଥିବା ୫ଜଣଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚୋରା କୋଇଲା ବୋଝେଇ ଗାଡ଼ିକୁ ସୁରକ୍ଷା ଯୋଗାଇଥିବା ଗିରଫ ୫ଜଣ ହେଲେ କଟକ ରୁରାଲ ଅଞ୍ଚଳ କାନପୁର ଗ୍ରାମର ସୁରେଶ ପାଣିଗ୍ରାହୀ, ଗୁରୁଡ଼ୁଝାଟିଆ ଗ୍ରାମର ପ୍ରକାଶ ରାଉତ, ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗାଜିପୁରର ବିଶ୍ୱରଞ୍ଜନ ମହାନ୍ତି, ହାତୁଆରିର ଭଗବାନ ଦାସ ଓ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ବମଡିଆ ଗ୍ରାମର ବିଜୟ ମହାରଣା। ଏହାସହ ଗୋଟିଏ ସ୍କୁଟି, ବାଇକ୍ ଓ ବୋଲେରୋ ପୋଲିସ ଜବତ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୪୯୨/୨୨) ରୁଜୁ କରାଯାଇଛି।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପାଟଣା,୨୦।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାନ୍ତ, ସମ୍ମାନିତ ଅତିଥି ଭାବେ ଖବରଦାତା ନୃସିଂହନାଥ ସିଂ, ଏବିଇଓ ଗୌରାଙ୍ଗ ଚରଣ ଖିଲାର, ପ୍ରକାଶ ରାୟ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ କମଳାକାନ୍ତ ପତି ଓ ପାର୍ଥସାରଥୀ ବେଜ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜେଟିକୁ ଫେରୁଛି ବୋଟ୍

ବାଲେଶ୍ୱର ଅଫିସ, ୨୦।୧୦

ବନ୍ୟା ହେଉ କି ବାତ୍ୟା, ଏହାର ମୁକାବିଲା ପାଇଁ ବାଲେଶ୍ୱର ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା କେଉଁ ଜାଗାରେ ଲ୍ୟାଣ୍ଡଫଲ୍ କରିବ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଆସିଲେ ସମସ୍ତଙ୍କୁ ସତର୍କ କରାଇ ଦିଆଯିବ ବୋଲି ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରକାଶ କରିଛନ୍ତି।

ଗୁରୁବାର ଉତ୍ତର ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇଛି। ୨୩ ତାରିଖ ସକାଳ ପରେ ହାଲୁକା ବର୍ଷା ହୋଇପାରେ। ପୁରୀରୁ ବାଲେଶ୍ୱର ଯାଏ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ସମ୍ଭାବନା ରହିଛି। ୨୪ ଓ ୨୫ରେ ବର୍ଷାର ପରିମାଣ ଅଧିକ ରହିବ। କିନ୍ତୁ ବିଶେଷ ପବନ ସମ୍ଭାବନା ନାହିଁ। ସ୍ଥଳଭାଗ ଛୁଇଁବା ବେଳକୁ ଅବପାତ



ବଳରାମଗଡ଼ି ମାଛଧରା ବନ୍ଦରରେ ବୋଟ୍।

ପ୍ରଭାବରେ ୨୨ତାରିଖ ସକାଳଠାରୁ ସମୁଦ୍ର ଅଶାନ୍ତ ରହିବ। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ୨୩ ତାରିଖରୁ ଓଡ଼ିଶା ଉପକୂଳର ଆଖପାଖ ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ପରେ ଏବେ ସମସ୍ତ ବୋଟ ଉପକୂଳମୁହାଁ ହୋଇଛି। ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀ ସମୁଦ୍ର ଅଶାନ୍ତ ରହୁଥିବାରୁ ଏବେ ଜେଟି ମୁହାଁ ହେଉଛନ୍ତି। ଗୁରୁବାର ବାଲେଶ୍ୱର ବଳରାମଗଡ଼ି ମାଛଧରା ବନ୍ଦରକୁ କ୍ରମଶଃ କିଛି ବୋଟ ସମୁଦ୍ର ଅଶାନ୍ତ ଯୋଗୁ ମାଛ ମାରି ଫେରିଥିବା ବେଳେ ଶୁକ୍ରବାର ସମସ୍ତ ବୋଟ କୂଳରେ ଲାଗିବ ବୋଲି ଆଶା କରାଯାଉଛି।

# ସୁରଭି ପ୍ରତିଭା ବିକାଶର ମାଧ୍ୟମ



ଶିଶୁ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ ହେଉଛି।

ରୂପସା, ୨୦।୧୦(ଡି.ଏନ.ଏ.)

## ଶିଶୁ ମହୋତ୍ସବ

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଗଡ଼ପଦା ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଶିଶୁ ମହୋତ୍ସବ ସୁରଭି -୨୦୨୨ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା ସମିତି ସଭାପତି ଅକ୍ଷୟ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଏବିଇଓ ବାସନ୍ତୀ ପୃଷ୍ଟି ଉତ୍ସବକୁ ଉଦ୍‌ଘାଟନ କରିବା ସହ ସୁରଭି କୁନିପିଲାଙ୍କ ପ୍ରତିଭା ବିକାଶର ମାଧ୍ୟମ ବୋଲି ବକ୍ତବ୍ୟରେ କହିଥିଲେ। ସାଧନ କେନ୍ଦ୍ର ସଂଯୋଜକ ଅନୀଲ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରାପାଳ ରାଧାକୃଷ୍ଣ ୟୁପି ସ୍କୁଲରେ ଆୟୋଜିତ ଉତ୍ସବରେ କ୍ଲଷ୍ଟର ଅଧୀନ ୧୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଏବିଇଓ ଧନଞ୍ଜୟ ବେହେରା ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ଗିରି, ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର, ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, ପ୍ରାକ୍ତନ ସରପଞ୍ଚ ମାୟାଧର ମଣି, ପ୍ରଧାନଶିକ୍ଷକ ଗିରିଜା ଶଙ୍କର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରରେଖା ନାୟକ, ଏସଏମ୍‌ସି ପ୍ରେସିଡେଣ୍ଟ ଭାଗିରଥି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ପଞ୍ଚୁପାଣ୍ଡବ ଧଳ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ଭୋଇ, ଚନ୍ଦ୍ରମୋହନ ସାହୁ, ରାମହରି ବେହେରା, କାଳୀଚରଣ ଯେନା, ଜଗନ୍ନାଥ ବେହେରା, ତପସ୍ୱୀ ମହାପାତ୍ର, ଦମୟନ୍ତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଦୀପ୍ତରାଗ ଦେ ସ୍ୱାଗତ ସଂଗୀତ ଗାନ ଓ ଛାତ୍ରୀ ଭୂମିକା ଦାସ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ବାସୁଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଶାକର୍ମୀଙ୍କୁ ଟିକାଦାନ ତାଲିମ

ଯୋଡ଼ା,୨୦।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଟିକାକରଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଶାକର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡା. ଲକ୍ଷ୍ମୀକାନ୍ତ ସିଂଙ୍କ ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ଜିଲା ଏଡିପିଏଚଓ ପ୍ରଣତିନି ନାୟକଙ୍କ ସହିତ (ଡବ୍ଲ୍ୟୁଏଚଓ) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ଭିଲାନ୍ସ ମେଡିକାଲ ଅଫିସର ଡା. ସନ୍ତୋଷ ସାହୁ, ଏପିଏମ(ଅର୍ବାନ) ସନ୍ଦୀପ ଓଝା ଓ ଡିଭିଏଲ୍‌ଏମ୍ ଗୋବିନ୍ଦ ମିଶ୍ର ପ୍ରମୁଖ ଯୋଡ଼ା ଗସ୍ତରେ ଆସି ପ୍ରଥମେ ଯୋଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ପାଥୋଲାବ୍‌ରେ ଲାଇସେନ୍ସ ନିମନ୍ତେ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ଯୋଡ଼ା ସହରରେ ଥିବା ଆଶାକର୍ମୀମାନଙ୍କୁ ଟିକାକରଣ ନେଇ ତାଲିମ ପ୍ରଦାନ କରିଥିଲେ। ଯୋଡ଼ା ପୌରପାଳିକାରେ ଜଣେ ମାତ୍ର ଏଏନ୍‌ଏ ଥିବାରୁ ସହରରେ ୫ବର୍ଷ ପର୍ଯ୍ୟନ୍ତ ଥିବା ଶିଶୁମାନଙ୍କୁ ଟିକାକରଣ ସମ୍ପୂର୍ଣ୍ଣ କରାଯାଇ ନାହିଁ। ଯେଉଁମାନେ ଟିକାକରଣ ସମ୍ପୂର୍ଣ୍ଣ କରିନାହାନ୍ତି ଆଶାକର୍ମୀମାନେ ଏକ ସପ୍ତାହ ମଧ୍ୟରେ ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କୁ କୁହାଯାଥିବା ସୂଚନା ମିଳିଛି।

# ଯୁବତୀଙ୍କୁ ଆକ୍ରମଣ କରି ଲୁଟ୍

ବନ୍ତ,୨୦।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବାଇପୁର ଓ ଛଞ୍ଚଣା ଛକ ମଧ୍ୟରେ ସ୍କୁଟିରେ ଆସୁଥିବା ଜଣେ ଯୁବତୀଙ୍କୁ ୩ ଯୁବକ ଆକ୍ରମଣ କରିଛନ୍ତି। ଏଥିସହ ତାଙ୍କଠାରୁ ୧୫ ହଜାର ଟଙ୍କା, ଘଣ୍ଟା ଓ ଭ୍ୟାନିଟ୍ ବ୍ୟାଗ୍ ଲୁଟି ନେଇଥିବା ବନ୍ତ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବତୀ ଜଣକ କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଅଁଳା ଗଡିଆ ଅଞ୍ଚଳର। ସୂଚନା ଅନୁଯାୟୀ, ଯୁବତୀ ଜଣକ ମେଲୋଡି ପାର୍ଟିରେ କାମ କରୁଥିବା ବେଳେ ବୁଧବାର ଅପରାହ୍ନରେ କାର୍ଯ୍ୟକ୍ରମ ସାରି ସ୍କୁଟିରେ ଘରକୁ ଫେରୁଥିଲେ। ବାଇପୁର ଛକଠାରୁ ଅନତି ଦୂରରେ ୩ ଯୁବକ ଆଗ ପଟୁ ଆସି ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଅଟକାଇବାର କାରଣ ପଚାରିବାରୁ ସେମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ତାଙ୍କ ପାଖରୁ ଟଙ୍କା, ଘଣ୍ଟା ସହ ଭ୍ୟାନିଟ୍ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ସମୟରେ ଜମିରେ କାମ କରୁଥିବା ଜଣେ ବ୍ୟକ୍ତି ଆସି ସେଠାରେ ପହଞ୍ଚିବାରୁ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ଖବରପାଇ ବନ୍ତ ଥାନା ପୋଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୭୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଗଣେଶ



@ରାଜୀବ



@ଲମ୍ବୋଧର



@ପିଙ୍କୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# 'ପ୍ରାଣୀବିଜ୍ଞାନ କ୍ଷେତ୍ରରେ ଗବେଷଣା ଲାଗି ପ୍ରଶସ୍ତ କ୍ଷେତ୍ର ଯୋଗାଇବ'

ବାଲେଶ୍ୱର ଅଫିସ, ୨୦।୧୦

## ଏଫଏମ୍ ବିଶ୍ୱବିଦ୍ୟାଳୟ, ଜୁଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ମଧ୍ୟରେ ଏମ୍ଓୟୁ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଜୁଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ କୋଲକାତା, ଭାରତ ସରକାରଙ୍କ ମଧ୍ୟରେ ଗୁରୁବାର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷର ହେବା ଦ୍ୱାରା ଉଭୟ ଅନୁଷ୍ଠାନ ମଧ୍ୟରେ କର୍ମକର୍ତ୍ତା ତଥା ବିଦ୍ୟାର୍ଥୀଙ୍କ ଆଦାନ-ପ୍ରଦାନ ଜରିଆରେ ପ୍ରାଣୀଜଗତ ସମ୍ପର୍କରେ ଅଧିକରୁ ଅଧିକ ଓ ପ୍ରାମାଣିକସ୍ତରର ତଥ୍ୟ ସଂଗ୍ରହ ଓ ପ୍ରୟୋଗ କ୍ଷେତ୍ରରେ ଧାରଣା ସ୍ପଷ୍ଟ ହେବ।

ଏହି ଏମ୍‌ଓୟୁ ସ୍ୱାକ୍ଷର ଦ୍ୱାରା ଉଭୟ ଅନୁଷ୍ଠାନ ମଧ୍ୟରେ ପାରସ୍ପରିକ ସହଯୋଗର ନୂଆ ନୂଆ ଦିଗ ଉନ୍ମୋଚିତ ହେବ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ଜ୍ଞାନିକ ଆଦାନ ପ୍ରଦାନ ଅବସର ସୃଷ୍ଟି ହୋଇ ବିଭିନ୍ନ ପ୍ରକାର ପରିଯୋଜନାରେ ସହଯୋଗ ନିମିତ୍ତ ସୁଯୋଗ ଓ ସହାୟତା ସମ୍ଭବ ହୋଇପାରିବ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ। ଜୁଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଡ. ଧ୍ରୁତି ବାନାର୍ଜୀ ଏହି ପରିଯୋଜନାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, ଡ. ଏଲ୍ଲା ପଣ୍ଡିତ, ଭାସ୍କର ବେହେରା ପ୍ରମୁଖ ଏହି ସ୍ୱାକ୍ଷରନାମା ପଦକ୍ଷେପର ବହୁବିଧ ଉପଯୋଗିତା ରହିଥିବା ପ୍ରକାଶ କରିଥିଲେ। ଶେଷରେ ଡ. ଏମ୍. ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।




ଏମ୍ଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ ଏଫ୍ଏମ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

# ପ୍ରଚାରର ମାଧ୍ୟମ ପାଲଟିଛି ରାସ୍ତାକଡ଼ ଗଛ

## ଉଦ୍‌ବେଗ ପ୍ରକାଶ କଲେ ପ୍ରକୃତିବନ୍ଧୁ

ଚମ୍ପୁଆ,୨୦।୧୦(ଡି.ଏନ୍.ଏ)

ଅନୁଷ୍ଠାନ ହେଉ କି ନୂତନ ଦୋକାନ ଶୁଭାରମ୍ଭ ପୂର୍ବରୁ ପ୍ରଚାରକୁ ଗୁରୁତ୍ୱ ଦିଅନ୍ତି। ଏଥିପାଇଁ ବଡ଼ବଡ଼ ହୋର୍ଡିଂଠାରୁ ଆରମ୍ଭ କରି ଲିଫ୍ଲେଟ୍ ମାଧ୍ୟମରେ ପ୍ରଚାର କରାଯାଉଛି। କିଛି ବ୍ୟବସାୟୀ, ଶିକ୍ଷା ପ୍ରତିଷ୍ଠାନ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଗଛକୁ ପ୍ରଚାରର ମାଧ୍ୟମ କରିଛନ୍ତି। ଫଳରେ ବୃକ୍ଷଗୁଡ଼ିକର ପ୍ରଭୂତ କ୍ଷତି ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖବର ଅନୁସାରେ ଚମ୍ପୁଆ ଏନ୍‌ଏସିରେ ସାମ୍ପ୍ରତିକ ପରିସ୍ଥିତିରେ ଖୋଲାଯାଉଥିବା ନୂତନ ଦୋକାନ, ଅନୁଷ୍ଠାନ ଆଦିର ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ରାସ୍ତାକଡ଼ରେ ଥିବା ବହୁ ପୁରୁଣା ଗଛରେ କଣ୍ଟା ବାଡ଼େଇ ପ୍ରଚାରପତ୍ର ମରାଯାଉଛି। ପ୍ରଚାରପତ୍ର କିଛି ଦିନ ରହି ଅବଶ୍ୟ ନଷ୍ଟ ହୋଇଯାଉଛି। ମାତ୍ର ଗଛରେ ମରାଯାଇଥିବା ଲୁହା କଣ୍ଟା ଗଛର ଆୟୁଷ କମାଇବା ସହିତ ଉକ୍ତ ସ୍ଥାନରେ ଗର୍ତ୍ତମାନ ସୃଷ୍ଟି ହେଉଛି।



ଗଛରେ ମରାଯାଇଥିବା ପ୍ରଚାରପତ୍ର।

ଏ ନେଇ ବନ ବିଭାଗ ଉକ୍ତ ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକୃତିବନ୍ଧୁମାନେ ଦାବି କରିଛନ୍ତି।



"ଗଛ ମଣିଷର ବନ୍ଧୁ, ଶତ୍ରୁ ନୁହେଁ। ଗଛ ଗୁଡ଼ିକରେ ମାରିବା ଅନୁଚିତ। ପ୍ରଚାରପତ୍ର ଲଗାଇବାରେ ବ୍ୟବହାର ହେଉଥିବା ଲୁହା କଣ୍ଟା ପାଇଁ ଗଛଗୁଡ଼ିକ ଏକ ପ୍ରକାର ଦୁର୍ବଳ ଓ ବକ୍ର ହୋଇଯାଉଛନ୍ତି। ଏଥିପାଇଁ କଡ଼ା ଆଇନ କାର୍ଯ୍ୟକାରୀ ହେବା ଉଚିତ୍।

**ରମାକାନ୍ତ ପ୍ରଧାନ, ପ୍ରକୃତିବନ୍ଧୁ**



"ସାମ୍ପ୍ରତିକ ପରିସ୍ଥିତିରେ ଜୀବଜଗତ ପାଇଁ ବୃକ୍ଷରୋପଣ ନିହାତି ଜରୁରୀ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସବୁଜବନାନୀ ସୃଷ୍ଟି ପାଇଁ ବହୁ ଯୋଜନା କରୁଛନ୍ତି। କିନ୍ତୁ ନିଜ ସ୍ୱାର୍ଥ ପାଇଁ ପ୍ରଚାରପତ୍ର ମାରି ଗଛର ଆୟୁଷ କମାଇ ଦିଆଯାଉଛି।

**ଧରଣୀଧର ଦାସ, ପ୍ରକୃତିବନ୍ଧୁ**



"ବୃକ୍ଷ ନ ରହିଲେ ଜୀବଜଗତ ଅସମ୍ଭବ। ବୃକ୍ଷର କ୍ଷତି କରିବା କାହାରି ଅଧିକାର ନାହିଁ। କଣ୍ଟା ଯୋଗୁ ଦୀର୍ଘ ଦିନ ଧରି ବଞ୍ଚି ରହୁଥିବା ଗଛ କମ ଦିନରେ ନଷ୍ଟ ହୋଇଯାଉଛି। ଏହି କର୍ମରୁ ମଣିଷ ସମାଜ ନିବୃତ ରହିବା ଉଚିତ।

**କ୍ଷେତ୍ରବାସୀ ମହାନ୍ତ, ପ୍ରକୃତିବନ୍ଧୁ**



"ବୃକ୍ଷର କ୍ଷତି କଲେ ପରୋକ୍ଷରେ ମଣିଷ ସମାଜ ପାଇଁ ବିପଦ ମାଡ଼ି ଆସିବ। ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଉଚିତ ଏବଂ ଗଛରେ ପ୍ରଚାରପତ୍ର ମାରିବା ଏକ ବେଆଇନ କାର୍ଯ୍ୟ। ଏଥିରୁ ନିବୃତ ନ ହେଲେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଶିବ କୁମାର ରାଉତ, ଭାରପ୍ରାପ୍ତ ରେଞ୍ଜର, ଚମ୍ପୁଆ**

## ଅବକାରୀ ବିଭାଗର ଚଢ଼ାଉ: ୪ ଗିରଫ

ନୀଳଗିରି,(ସ୍ୱ.ପ୍ର.)-ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବରହମପୁର ଥାନା ଅଧୀନ ଖଡ଼ିଚୁଆ ଓ ସ୍ୱୟମ୍ବରଡୁବା ଗ୍ରାମରେ ଚଢ଼ାଉ କରି ୯୫ଲିଟର ଦେଶୀମଦ ଜବତ କରାଯାଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କିସୁନ ମୁର୍ମୁ , ସିଂଘ ମାରାଣ୍ଡି, ଅନିତା ମାରାଣ୍ଡି ଓ ଆର୍ସି ସରେନ। ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ବିଶ୍ୱନାଥ ପରିଡ଼ା, ପିଙ୍କି ମାରାଣ୍ଡି, ଦେବାଶିଷ ମଲିକ ଓ ଜୟମାଧବ ଦାସପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

### ସଂକ୍ଷେପରେ

## ପାଇକସିଦାରେ ବିଜେଡିର ପଦଯାତ୍ରା

ଜଳେଶ୍ୱର, ୨୦।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ପାଇକସିଦା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେଶପୁର ହାଟ ପଡିଆଠାରୁ ଉତ୍ତରପଡା ଯାଏ ପଦଯାତ୍ରା ହୋଇଥିଲା। ଆୟୋଜିତ ସଭାରେ ମଧୁ ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଷା, ସଂସ୍କୃତି ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟର ବିକାଶ ଧାରାରେ ମୁଖ୍ୟମନ୍ତ୍ରୀ ମାତୃଶକ୍ତିକୁ ନିୟୋଜିତ କରି ଇତିହାସ ସୃଷ୍ଟି କରିଛନ୍ତି। ଏବେ ପ୍ରାୟ ୭୦ଲକ୍ଷ ମହିଳା ସେମାନଙ୍କର ପରିବାରର ବିକାଶ ଲାଗି ବିଭିନ୍ନ ଯୋଜନାରେ କାର୍ଯ୍ୟ କରୁଥିବା କହିଥିଲେ। ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ସିଂଲା ଥାନାକୁ ସଂଯୋଗ ଲାଗି ସୁବର୍ଣ୍ଣରେଖା ନଦୀର ଚୋରମରାଠାରେ ଆରମ୍ଭ ହୋଇଥିବା ସେତୁ କାର୍ଯ୍ୟକୁ କେନ୍ଦ୍ର ସରକାରଙ୍କ ବନ୍ଦର କର୍ତ୍ତୃପକ୍ଷ ବନ୍ଦ କରିଥିବାରୁ ଅତିଶୀଘ୍ର ପୁଣି ମଞ୍ଜୁରୀ ପାଇବାକୁ ଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ପଦଯାତ୍ରା ଆବାହକ ଦିଲୀପ ସାମଲ, ସରପଞ୍ଚ ସରସ୍ୱତୀ ସେଠୀ, ସମିତିସଭ୍ୟ ନମିତା ଜେନା, ନରେନ୍ଦ୍ର ଜେନା, ଶମ୍ଭୁନାଥ ଦାସ, ବିଜୟ ବାଗ, ଅତୁଲ ଦାସ, ମଙ୍ଗୁଲି ଆଚାର୍ଯ୍ୟ ଓ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ସାରୁଗାଁରେ ପଦଯାତ୍ରା, ପ୍ରତିଭା ସମ୍ବର୍ଦ୍ଧନା

ଖଇରା, ୨୦।୧୦(ଡି.ଏନ.ଏ.) ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ପଞ୍ଚାୟତ ବିଜେଡି ପକ୍ଷରୁ ଶୁକ୍ରବାର ପଦଯାତ୍ରା ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଛାତ୍ର ଜନତା ସଭାପତି ଗୌତମ ରାଉତଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ସାରୁଗାଁ ପଞ୍ଚାୟତ ପରିକ୍ରମା କରିଥିଲେ। ପରେ ତିଳଦା ସ୍କୁଲ ପଡ଼ିଆରେ ବ୍ରଜ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ମହିଳା ସଭାପତି ଜୟନ୍ତୀ ମହଲା, ବରିଷ୍ଠ ନେତା ଜିତେନ୍ଦ୍ର କୁମାର ବେହେରା, ସମିତି ସଭ୍ୟା ଭାରତୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ପରେ ବିଧାୟକ ଏହି ପଞ୍ଚାୟତ ଅଧୀନ ରାଉତରାୟପୁର ଗ୍ରାମରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୬ନଂ.ର୍‌ୟାଙ୍କ ରଖି କୃତିତ୍ୱ ଅର୍ଜନ କରିଥିବା ବିଶ୍ୱଜିତ ପଣ୍ଡାଙ୍କୁ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଥିଲେ।

## ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

ପଦ୍ମପୁର, ୨୦।୧୦(ଡି.ଏନ.ଏ.)- ଭଦ୍ରକ ସଦର ବ୍ଲକ ସାହାଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ବେହେରା(୫୧)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ପରଲୋକ ହୋଇଛି। ଗତ କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ପ୍ରିୟବ୍ରତ ନାୟକ, ଜିଲା ପରିଷଦ ସଭ୍ୟ ମଳୟ ରଞ୍ଜନ ଜେନା, ଡ. ପୂର୍ଣ୍ଣଚନ୍ଦ୍ର ଦାସ, ହୀରାଲାଲ ମୁଦୁଲି, ମାଧବାନନ୍ଦ ଦାସ, ପ୍ରିୟରଞ୍ଜନ ମହାନ୍ତି, ଅଟଳ କୁମାର ଦାସ, ବାପି ଦାସ, ବିଜୟ କୁମାର ସେଠୀ, ଗଦାଧର ଧୂପାଳ, ରାଧାଶ୍ୟାମ ରାଉତ, ଅରବିନ୍ଦ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ପଞ୍ଚାୟତ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଛି।

# ସୂର୍ଯ୍ୟବଂଶୀଙ୍କ ପାଇଁ ଭୋଟ୍ ମାଗିଲେ ସମୀର

ଧାମନଗର,୨୦।୧୦(ଡି.ଏନ୍.ଏ)

ଧାମନଗର ଉପନିର୍ବାଚନ ରଣକ୍ଷେତ୍ରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଚାର ମଇଦାନରେ ସାମିଲ ହୋଇଛନ୍ତି। ସେ ଗତ ଦୁଇଦିନ ଧରି ଏହି ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କୁ ଭେଟି ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ସମୀର ବ୍ଲକର ଗୋବିନ୍ଦପୁର, ଚୂଡ଼ାକୁଟି, ଦଇପୁର ଓ ଅନ୍ୟାନ୍ୟ ପଞ୍ଚାୟତର ବିଭିନ୍ନ ସ୍ଥାନକୁ ଯାଇ ପ୍ରଚାର କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନାକୁ ଶାସକ ବିଜେଡି ଅପବ୍ୟବହାର କରୁଥିବା ଆରୋପ ଆଣି ଲୋକଙ୍କୁ ବୁଝାଇଥିଲେ। ଯୁବକ ସୂର୍ଯ୍ୟବଂଶୀଙ୍କୁ ସ୍ୱାଭିମାନୀ ଜଣେ ଉଚ୍ଚଶିକ୍ଷିତ ଉଦୀୟମାନ ଧାମନଗରବାସୀ ବହୁ ମାତ୍ରାରେ ସମର୍ଥନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସମୀରଙ୍କ ସମେତ ଦଳର ବରିଷ୍ଠ ନେତା ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଗୋଲଖ ମହାପାତ୍ର, ବିଧାୟକ ନବ ଚରଣ ମାଝି, ପ୍ରକାଶ ସୋରେନ, ସନାତନ ବିଜୁଳି, ଡା. ବୁଦ୍ଧାନ ମୁର୍ମୁ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଐର ଖାରବେଳ ସ୍ୱାଇଁ, ମୁରଲୀ ଶର୍ମା, ଅଭିମନ୍ୟୁ ସେଠୀ, ଜିଲା ସଭାପତି ହେମନ୍ତ ପାଢୀ, ବଦ୍ରି ନାରାୟଣ ଧଳ, ଡା. ପ୍ରଦୀପ ନାୟକ, ବିରଞ୍ଚି ତ୍ରିପାଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ସୁଷମା ବିଶ୍ୱାଳ ପ୍ରମୁଖ ପ୍ରାର୍ଥୀ ସୂର୍ଯ୍ୟବଂଶୀଙ୍କ ପାଇଁ ପ୍ରଚାର ଅଭିଯାନରେ ସାମିଲ ଅଛନ୍ତି।


ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ପ୍ରଚାର କରୁଛନ୍ତି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି।

## ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ


ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ବିଜେଡି ନେତା।

ଧାମନଗର, ୨୦।୧୦(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ଏନ୍ଏସି ନଗର ବିଜେଡି କାର୍ଯ୍ୟାଳୟଠାରେ ଗୁରୁବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନଗର ସଭାପତି ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଏନ୍ଏସି ଅଧୀନ ବିଭିନ୍ନ ୱାର୍ଡର ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିର ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ୱାଶିମ ଏଜଦାନୀ କାଦ୍ରୀ, ବ୍ଲକ ପର୍ଯ୍ୟବେକ୍ଷକ ସରୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସେମାନେ ସ୍ୱାଗତ ଜଣାଇଥିଲେ।

# ଶତପ୍ରତିଶତ ମତଦାନ ଲାଗି ଗଡ଼ିଲା ସଚେତନତା ରଥ

ଭଦ୍ରକ ଅଫିସ/ଧାମନଗର, ୨୦।୧୦ (ଡି.ଏନ୍.ଏ.)

ଧାମନଗର ଉପନିର୍ବାଚନରେ ଶତପ୍ରତିଶତ ମତଦାନ ତଥା ସମସ୍ତ ଭୋଟର ଭୋଟ୍ ଦେବା ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ପ୍ରଶାସନ ଦ୍ୱାରା ସଚେତନତା କରାଯାଉଛି। ସମସ୍ତ ଭୋଟର ନିର୍ଭୟରେ ନିରପେକ୍ଷ ଭାବେ ମତଦାନ କରନ୍ତୁ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ନିବେଦନ ବାର୍ତ୍ତା ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରଚାର କରାଯାଉଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରଥ ପରିକ୍ରମା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଗୁରୁବାର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ବାଚନରେ ଭୋଟର ସଚେତନତା ନେଇ ସଙ୍ଗୀତ ମାଧ୍ୟମରେ ବିଜ୍ଞାପନ ସହ ଭଦ୍ରକ ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ ଚକୁଳିଆ ପଣ୍ଡା ସ୍ୱରରେ ଏକ ଭୋଟର ସଚେତନତା ଧର୍ମୀ ସଙ୍ଗୀତ ଏହି ରଥରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପରିବେଷିତ ହେଉଛି। ଏହି ରଥ ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଧାମନଗର ଓ ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଭୋଟର ସଚେତନତାମୂଳକ ପ୍ରଚାରପତ୍ର ରଥ ପରିକ୍ରମା ସମୟରେ ବିତରଣ କରାଯାଇଛି। ପୋଷ୍ଟର ସବୁ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ଜନସମାବେଶ ଜାଗାରେ ବ୍ଲକ ପ୍ରଶାସନ ଦ୍ୱାରା ଲଗାଯିବାର କାର୍ଯ୍ୟସୂଚୀ ରହିଛି। ରଥରେ ଧାମନଗର ଉପନିର୍ବାଚନରେ ମତଦାନ ପାଇଁ ଦିନ, ସମୟ, ବିକଳ୍ପ ପରିଚୟପତ୍ର ଓ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରାଯାଇଛି। ଭୋଟର ହେଲ୍ପ ଲାଇନ ନମ୍ବର ୧୯୫୦କୁ ମଧ୍ୟ ଆବଶ୍ୟକ ହେଲେ ବ୍ୟବହାର କରିପାରିବେ ବୋଲି କୁହାଯାଇଛି।

ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଶାନ୍ତନୁ କୁମାର ମହାନ୍ତି, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଶୁଭେନ୍ଦୁ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ପ୍ରମୁଖ ସଚେତନତା ରଥ ଉଦ୍‌ଘାଟନ ବେଳେ ଉପସ୍ଥିତ ଥିଲେ।


ଧାମନଗରରେ ସଚେତନତା ରଥ ପରିକ୍ରମା।

### ଧାମନଗର ଉପନିର୍ବାଚନ

## ସ୍ୱାଭିମାନ ପାଇଁ ସଂକଳ୍ପ ସମାବେଶ


ସମାବେଶରେ ଉପସ୍ଥିତ ମହିଳାମାନେ।

ଧାମନଗର,୨୦।୧୦(ଡି.ଏନ.ଏ)

ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଆନନ୍ଦପୁର ପଞ୍ଚାୟତ ପାହାଡ଼ପୁରସ୍ଥିତ ଜେନାସାହି କୀର୍ତ୍ତନ ମଣ୍ଡପଠାରେ ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ଉଦ୍ଦେଶ୍ୟରେ ସ୍ୱାଭିମାନ ପାଇଁ ସଂକଳ୍ପ ସମାବେଶ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଶକ୍ତିକେନ୍ଦ୍ର ପ୍ରମୁଖ ରମେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ବିଷ୍ଣୁଙ୍କୁ ଧାମନଗର ମାଟି ଝୁରୁଛି ବୋଲି ଦଳୀୟ ନେତାମାନେ କହିଥିଲେ। ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ସଂଯୋଜକ ମହେଶ୍ୱର ସାହୁ, ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସନ୍ଦୀପ କୁମାର ନାୟକ, ଯୁବନେତା ସୂରଜଲାଲ ସାମଲ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ବରିଷ୍ଠ ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରମୋଦ ଆଦିଆ, ପୂର୍ବତନ ସମିତିସଭ୍ୟ ମିନାକ୍ଷୀ ଶତପଥୀ, ଜିଲା ସାଧାରଣ ସମ୍ପାଦିକା ସସ୍ମିତା ଚାନ୍ଦ, ସୁକାନ୍ତିବାଳା ମାଝି ପ୍ରମୁଖ ଯୋଗଦେଇ ଦିବଂଗତ ନେତା ବିଷ୍ଣୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ପୁତ୍ର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଉପନିର୍ବାଚନରେ ଜିତାଇବାକୁ ସମାବେଶରେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆନନ୍ଦପୁର ପଞ୍ଚାୟତର ଶତାଧିକ ମହିଳା ଏଥିରେ ଯୋଗଦେଇ ଦିବଂଗତ ନେତା ସେଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ସଭାରେ ପଞ୍ଚାୟତର ବହୁ ଭାଜପା କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।।

# ଜିଲା ମୁଖ୍ୟ ଚିକିତ୍ସାଳୟ, ଆଞ୍ଚଳିକ ପରିବହନ କେନ୍ଦ୍ରରେ ଚଢ଼ାଉ


ଗିରଫ ୬ ଅଭିଯୁକ୍ତ।

### ୬ ଦଲାଲ ଗିରଫ

ବାଲେଶ୍ୱର ଅଫିସ, ୨୦।୧୦

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲା ଆଞ୍ଚଳିକ ପରିବହନ କେନ୍ଦ୍ରରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟ କରାଇଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଥିଲା। ଗୁରୁବାର ପୋଲିସ ପକ୍ଷରୁ ଦୁଇଟି ସ୍ଥାନରେ ସ୍ୱତନ୍ତ୍ର ଚଢାଉ କରାଯାଇଥିଲା। ଟାଉନ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୩ଜଣ ଓ ଶିଳ୍ପା ଥାନା ପୋଲିସ ଜିଲା ଆଞ୍ଚଳିକ ପରିବହନ କେନ୍ଦ୍ରରୁ ୩ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଟଙ୍କା ସହ ବିଭିନ୍ନ ଆସବାବପତ୍ର ଜବତ କରି କୋର୍ଟଚାଲାଣ କରିଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଭର୍ତ୍ତି କରାଇ ଉତ୍ତମ ସେବା ଆଳ, ଘରୋଇ କ୍ଲିନିକ୍‌କୁ ପଠାଇବା ପାଇଁ ପ୍ରବର୍ତ୍ତାଇବା ଏବଂ ଘରୋଇ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ରକ୍ତ, ମଳ, ମୂତ୍ର ପରୀକ୍ଷା କରାଇବା ପାଇଁ ପ୍ରବର୍ତ୍ତାଇବା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ପାଇବା ପରେ ଟାଉନ ଥାନା ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ସିଂଲା ଥାନା ଅଧୀନ ବିଶ୍ୱନାଥପୁର ଅଞ୍ଚଳର ହରେନ୍ଦ୍ର ସାମଲ (୪୦), ସହଦେବଖୁଣ୍ଟା ଥାନା କେଶପୁର ଅଞ୍ଚଳର ରବୀନ୍ଦ୍ର ପାଣିଗ୍ରାହୀ (୪୫) ଓ ଟାଉନ ଥାନା ତନ୍ତିସାହି ଅଞ୍ଚଳର ରଶ୍ମିରଞ୍ଜନ ଦାସ (୩୬)ଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଜିଲା ଆଞ୍ଚଳିକ ପରିବହନ କେନ୍ଦ୍ର କାର୍ଯ୍ୟାଳୟରେ ଦଲାଲମାନେ ଗାଡ଼ି କାଗଜପତ୍ର ପ୍ରସ୍ତୁତ କରିବା, ମାଲିକାନା ପରିବର୍ତ୍ତନ ଭଳି କାର୍ଯ୍ୟରେ ବେଆଇନ ଭାବେ ଅଧିକ ଟଙ୍କା ଦାବି କରିବା ଅଭିଯୋଗରେ ଶିଳ୍ପାଞ୍ଚଳ ଥାନା ପୋଲିସ ଚଢ଼ାଉ କରିଥିଲା। ଚଢାଉରେ ଜଳେଶ୍ୱର ଥାନା ବିରିଶପୁର ଅଞ୍ଚଳର ଅମରନାଥ ଘୋଷାଲ (୫୮), ସୋର ଥାନା ଜଗନ୍ନାଥପୁର ଅଞ୍ଚଳର ଦୀପ୍ତିକାନ୍ତ ସ୍ୱାଇଁ (୪୫) ଓ ବସ୍ତା ଥାନା ଛଟିନା ଅଞ୍ଚଳର ଗଗନ ଚନ୍ଦ୍ର ସାହୁ (୩୯)ଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ବ୍ୟକ୍ତିଙ୍କଠାରୁ ବିଭିନ୍ନ ରୋଗୀଙ୍କ ଓପିଡି ଟିକେଟ୍, ଆଧାରକାର୍ଡ଼, ଡାଇଗ୍ନୋଷ୍ଟିକ୍ ସେଣ୍ଟର ରସିଦ ସହ ଡ୍ରାଇଭିଂ ଲାଇସେନ୍ସ ରସିଦ ଓ ଅନଲାଇନ୍ କାଗଜପତ୍ର, ୬ ମୋବାଇଲ୍ ସହ ନଗଦ ୧୬ହଜାର ଟଙ୍କା ଜବତ କରାଯାଇଛି।

## ୧୧ ଦିନ ହେଲା ନାବାଳିକାଙ୍କ ପତ୍ତା ମିଳୁନି
## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମା’-ବାପା

ଆନନ୍ଦପୁର,୨୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଜଣେ ନାବାଳିକାଙ୍କ ୧୧ ଦିନ ହେଲେ କୌଣସି ପତ୍ତା ମିଳୁନାହିଁ। ପୋଲିସ ପାଖରୁ ନିରାଶ ହୋଇ ନାବାଳିକାଙ୍କ ମା’-ବାପା ଗୁରୁବାର ଆନନ୍ଦପୁର ଉପଜିଲାପାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଯୁକ୍ତ ତଦନ୍ତ ନ ହେଲେ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ଚଳିତ ମାସ ୯ ତାରିଖରେ ନାବାଳିକା କୁମାରପୂର୍ଣ୍ଣିମା ପାଇଁ ଚାନ୍ଦ ବନ୍ଦାଇବା କାର୍ଯ୍ୟକ୍ରମରେ ଘରୁ ଆସି ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଜଣେ ୩୨ ବର୍ଷୀୟ ଯୁବକ ନାବାଳିକାଙ୍କୁ ଅପହରଣ କରିନେଇଥିବା ଜାଣି ଝିଅଙ୍କ ବାପା ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୫୯/୨୨ରେ ଏକ ମାମଲା ମଧ୍ୟ ରୁଜୁ କରିଥିଲା। ଇତି ମଧ୍ୟରେ ଘଟଣାକୁ ୧୧ ଦିନ ବିତିଯାଇଥିବା ବେଳେ ଅଦ୍ୟାବଧି ଝିଅର କୌଣସି ପତ୍ତା ମିଳି ନାହିଁ। ଅନ୍ୟପକ୍ଷରେ ଝିଅ କେଉଁଠି ଅଛି ତୁମେ ପତା ଲଗାଅ। ଆମକୁ କହିବ, ଆମେ ଆଣିବୁ ବୋଲି ପୋଲିସ କହୁଥିବା ନାବାଳିକାଙ୍କ ମା’ କହିଛନ୍ତି। ଗ୍ରାମ ଚୌକିଦାର ୫ ହଜାର ଟଙ୍କା ଦାବି କରିଥିବା ମଧ୍ୟ ଅଭିଯୋଗ କରିଛନ୍ତି।

# ୩ ସ୍ୱର୍ଣ୍ଣ ସହ ରୌପ୍ୟ ପଦକ ଜିତିଲେ ଦେବୀ



ସ୍ୱର୍ଣ୍ଣ ପଦକ ବିଜେତା ଦେବୀ ସିଂ।

ବାରିପଦା ଅଫିସ,୨୦।୧୦

ଜାତୀୟ ରେକର୍ଡଧାରୀ ଦେବୀ ସିଂ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ସହ ରୌପ୍ୟ ପଦକ ହାସଲ କରି ମୟୂରଭଞ୍ଜ ଜିଲାର ଗୌରବ ବୃଦ୍ଧି କରିଛନ୍ତି। ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ସେ ଏହି ସଫଳତା ପାଇଛନ୍ତି। ୬୬ କେ.ଜି.ବର୍ଗରେ ୩ ସ୍ୱର୍ଣ୍ଣ ପଦକ ସହ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଦେବୀଙ୍କୁ ସ୍କ୍ୱାଟ ଏବଂ ବେଞ୍ଚ ପ୍ରେସରେ ସ୍ୱର୍ଣ୍ଣ, ଡେଡ୍‌ଲିଫ୍ଟରେ ରୌପ୍ୟ ପଦକ ମିଳିଥିବା ବେଳେ ସର୍ବମୋଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥି ସହିତ ବେଞ୍ଚ ପ୍ରେସରେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି। ପ୍ରକାଶ ଥାଉକି, ଶାମାଖୁଣ୍ଟା ବ୍ଲକ ଲକ୍ଷ୍ମୀପୁର ଗ୍ରାମ ବାପା ତୁନୁ ସିଂଙ୍କ ଝିଅ ଦେବୀ ସିଂ ବହୁବାର ରାଜ୍ୟ ଏବଂ ଜାତୀୟସ୍ତରରେ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହା ସହିତ ଷ୍ଟ୍ରଙ୍ଗ ଓମେନ ଅଫ୍ ଓଡ଼ିଶା ଏବଂ ଷ୍ଟ୍ରଙ୍ଗ ଓମେନ ଅଫ୍ ଇଣ୍ଡିଆ ଆଖ୍ୟା ମଧ୍ୟ ଅର୍ଜନ କରିଛନ୍ତି। ଦେବୀଙ୍କ ଏହି ସଫଳତା ପାଇଁ ମୟୂରଭଞ୍ଜ ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ନବ କୁମାର ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ସତ୍ୟବ୍ରତ ବେହେରା, ରାଜେନ୍ଦ୍ର କୁମାର ପରିଡ଼ା, ସୁମିତ ସାହୁଙ୍କ ସମେତ ମୟୂରଭଞ୍ଜ ଜିମ୍ନାସିୟମ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି।

# କାର୍ଯ୍ୟାଳୟରେ ତାଲା ପକାଇ ଧାରଣା

ବାରିପଦା ଅଫିସ,୨୦।୧୦

### ଅଲଚିକି ଭାଷା ଶିକ୍ଷକଙ୍କ ଆନ୍ଦୋଳନ

ମୟୂରଭଞ୍ଜ ଜିଲାରେ ଠିକା ନିଯୁକ୍ତି ପ୍ରାପ୍ତ ସାନ୍ତାଳୀ ଭାଷା(ଅଲଚିକି) ଶିକ୍ଷକମାନେ ନିୟମିତ ଶିକ୍ଷକ ମାନ୍ୟତା ଦାବିରେ ଗୁରୁବାର ଜିଲା ପ୍ରକଳ୍ପ ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ତାଲାପକାଇ ଧାରଣାରେ ବସିଛନ୍ତି। ୧୫ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଶିକ୍ଷକମାନେ ଦାବି ପୂରଣ ପାଇଁ ୮ଦିନ ଧରି ଧାରଣା ଦେଇ ଆସୁଥିଲେ। କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା ନ କରିବାରୁ ସଂଘ ପକ୍ଷରୁ ତାଲାବନ୍ଦ ଆନ୍ଦୋଳନ କରାଯାଇଛି। ଅଫିସ କାର୍ଯ୍ୟ ଠପ୍ ହୋଇପଡିବାରୁ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସରକାର ଦାବି ପୂରଣ ନ କଲେ ନବୀନ ନିବାସକୁ ଯାଇ ନିଯୁକ୍ତିପତ୍ର ଫେରାଇବେ ବୋଲି ପୂର୍ବରୁ ସୂଚନା ପ୍ରଦାନ କରିଛନ୍ତି।

ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ସଂଘର ସଭାପତି ଗୁଲା ମୁର୍ମୁ, ଉପସଭାପତି ରମାକାନ୍ତ ମାର୍ଣ୍ଡି,ସମ୍ପାଦକ ମାର୍ଶାଲ ଟୁଡୁ ଓ ସହ ସମ୍ପାଦକ ଜିତେନ୍ଦ୍ର ମହାନ୍ତ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ସେବାରେ ଲାଗୁନି ୧୦୮ ଆମ୍ବୁଲାନ୍ସ

- ୨୦ ଦିନ ହେଲା ଅଚଳ ହୋଇ ପଡ଼ିଛି
- ଜିଲାପାଳଙ୍କୁ ଦାବିପତ୍ର

ଖୁଣ୍ଟା,୨୦।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦୮ ଆମ୍ବୁଲାନ୍ସ ଏବେ ଲୋକଙ୍କ ସେବାରେ ଲାଗି ପାରୁନି। ୨୦ ଦିନ ତଳେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଏହା ଅଚଳ ହୋଇପଡ଼ିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏହାର ମରାମତି ହୋଇପାରୁନି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ଅନ୍ୟ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇନାହିଁ। ଫଳରେ ଗୁରୁତର ରୋଗୀମାନେ ବାଧ୍ୟହୋଇ ଘରୋଇ ଆମ୍ବୁଲାନ୍ସ ଭଡ଼ାରେ ନେଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୋପବନ୍ଧୁ ନଗର ବ୍ଲକର ୧୩ଟି ଏବଂ ଖୁଣ୍ଟା ବ୍ଲକର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ମାତ୍ର ଗତ କିଛି ଦିନ ହେଲା ଅଞ୍ଚଳବାସୀ ୧୦୮ ଆମ୍ବୁଲାନ୍ସ ସେବା ପାଇ ପାରିବାରୁ ବଞ୍ଚିତ ରହିଛନ୍ତି। ସିଏଚସି ମୁଖ୍ୟସ୍ଥଳରୁ ୧୭ କି.ମି. ଦୂର ଉଦଳା ଓ ୩୦ କି.ମି ଦୂରରେ ଥିବା ବାରିପଦା କିମ୍ବା ୧୫ କି.ମି ଦୂର ବଡ଼ସାହି ଆଦି ଚିକିତ୍ସାକେନ୍ଦ୍ରକୁ ଯିବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ଦାବି କରାଯାଇଛି। ସଂଗଠନର ଜିଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଜରିଆରେ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ବିଶ୍ୱଜିତ ମୁର୍ମୁ, କୃଷ୍ଣଚନ୍ଦ୍ର ହେମ୍ବ୍ରମ, କମଲ ବାସ୍କେ, ମୋହନ ସିଂ, ପିଥୁ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।



